ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୩୦ ଅକ୍ଟୋବର, ୨୦୨୧

**ରାଜସ୍ୱ ଗ୍ରାମ ଗଠନ ଦାବି**

ରଘୁନାଥପୁର,(ଡି.ଏନ୍.ଏ.): ରଘୁନାଥପୁର ତହସିଲ ତରିକୁନ୍ଦ ଆରଆଇ ସର୍କଲ ଅଧୀନ ବରାଗୋଳ ପଞ୍ଚାୟତର ପଡ଼ାଗ୍ରାମ ଗୋଠିଣାର ୧ନଂ ଓ ୨ନଂ ୱାର୍ଡକୁ ମିଶାଇ ରାଜସ୍ୱ ଗ୍ରାମ ଗଠନ କରିବାକୁ ଗୁରୁବାର ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ମାତ୍ର ଉପରୋକ୍ତ ୱାର୍ଡକୁ ଅନ୍ୟ ରାଜସ୍ୱ ଗ୍ରାମର ପଡ଼ାଗ୍ରାମ ସହ ନ ମିଶାଇବାକୁ ସେମାନେ ଜିଲାପାଳଙ୍କୁ ଜଣାଇଛନ୍ତି। ଏନେଇ ତହସିଲଦାର ରୂପାଲିକା ଦାଶଙ୍କୁ ଗ୍ରାମର ଭୌଗୋଳିକ ସ୍ଥିତି ଓ ପରିସୀମା ସମ୍ପର୍କରେ ପୂର୍ବରୁ ଅବଗତ କରାଯାଇଛି ବୋଲି ସେମାନେ କହିଛନ୍ତି।



## ସଂକ୍ଷେପରେ

### ଆଜି କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଜିଲା ବନ୍ଦ

**କେନ୍ଦ୍ରାପଡ଼ା ଅଫିସ/ଜଗତ୍‌ସିଂହପୁର ଅଫିସ, ୨୯।୧୦:** କଳାହାଣ୍ଡି ଜିଲା ମହାଲିଙ୍ଗର ସନସାଇନ୍ ପବ୍ଲିକ ସ୍କୁଲର ଅଧକ୍ଷା ମମିତା ମେହେର ହତ୍ୟା ମାମଲାରେ ଶନିବାର କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲା ବନ୍ଦ ପାଇଁ ଭାଜପା ପକ୍ଷରୁ ଆହ୍ୱାନ ଦିଆଯାଇଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ସହରରେ ବାଇକ୍ ରାଲି କରି ଶୁକ୍ରବାର ସଚେତନତା ସୃଷ୍ଟି କରାଯାଇଛି। ଏ ସମ୍ପର୍କରେ ଜିଲା ଭାଜପା ସଭାପତି କିଶୋର ଚନ୍ଦ୍ର ପଣ୍ଡା କହିଛନ୍ତି, ମମିତା ହତ୍ୟା ମାମଲାରେ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କ ଭୂମିକା ଅନୁସନ୍ଧାନ ସାପେକ୍ଷ। ଅଭିଯୁକ୍ତ ସ୍କୁଲ ପରିଚାଳକ ଗୋବିନ୍ଦ ସାହୁ, ମନ୍ତ୍ରୀ ମିଶ୍ରଙ୍କ ବନ୍ଧୁତ୍ୱ ଓ ଏଥିରେ ତାଙ୍କର ସମ୍ପୃକ୍ତି ଯୋଗୁ ଏତେ ବଡ ହତ୍ୟାକାଣ୍ଡ ହୋଇଛି। ତୁରନ୍ତ ମନ୍ତ୍ରୀ ମିଶ୍ରଙ୍କୁ ରାଜ୍ୟ ମନ୍ତ୍ରୀ ମଣ୍ଡଳରୁ ବହିଷ୍କାର କରିବା ଓ ଏହି ତଦନ୍ତକୁ ସିବିଆଇକୁ ହସ୍ତାନ୍ତର ଦାବିରେ ଜିଲା ବନ୍ଦର ଡାକରା ଦିଆଯାଇଛି। ଏହି ୧୨ ଘଣ୍ଟିଆ ବନ୍ଦ ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ହେବ। ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ଜିଲା ପୋଲିସ ସଜାଗ ଥିବା ଏଏସ୍‌ପି ହରିଶ କୁମାର ପାଣ୍ଡେ ପ୍ରକାଶ କରିଛନ୍ତି। ସେହିପରି ଅଧକ୍ଷା ମମିତା ମେହେର ହତ୍ୟା ମାମଲାରେ ମନ୍ତ୍ରୀ ମିଶ୍ରଙ୍କୁ ପଦରୁ ବହିଷ୍କାର ଓ ଗିରଫ ଦାବିରେ ଜଗତ୍‌ସିଂହପୁର ଜିଲା ଭାଜପା ଶାଖା ପକ୍ଷରୁ ଗତ ୨୭ ତାରିଖରେ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଶନିବାର ୧୨ ଘଣ୍ଟିଆ ଜଗତ୍‌ସିଂହପୁର ଜିଲା ବନ୍ଦ ଡାକରା ଦିଆଯାଇଛି। ଅତ୍ୟାବଶ୍ୟକ ସାମଗ୍ରୀକୁ ବାଦ ଦେଇ ଅବଶିଷ୍ଟ କାରବାର ବନ୍ଦ ପାଇଁ ଭାଜପା ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରାଯାଉଛି। ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଆବଶ୍ୟକ ପୋଲିସ ଫୋର୍ସ ବ୍ୟବସ୍ଥା କରାଯାଇଛି।

### କୃଷକ ଓଡ଼ିଶା ଯୋଜନାର ଡାଟାବେସ୍ ଯାଞ୍ଚ ଆରମ୍ଭ

**ରଘୁନାଥପୁର,୨୯।୧୦(ଡି.ଏନ୍.ଏ.):** ରାଜ୍ୟରେ କୃଷକମାନଙ୍କ ନିର୍ଭୁଲ ତଥ୍ୟ ପ୍ରଦାନ ପାଇଁ କୃଷକ ଓଡିଶା ଯୋଜନାରେ ଚାଷୀମାନଙ୍କ ଡାଟାବେସ୍ ଯାଞ୍ଚ କାର୍ଯ୍ୟ ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତର ଗୋକୁଳପୁରରେ ଶୁକ୍ରବାରରୁ ଆରମ୍ଭ ହୋଇଛି। ରଘୁନାଥପୁର ବ୍ଲକ କୃଷି ଅଧିକାରୀ ଜ୍ଞାନେନ୍ଦ୍ର କୁମାର ଦଳେଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଆତ୍ମା ସଂସ୍ଥାର ଏଟିଏମ ଅମିତାଭ ପଟ୍ଟନାୟକ ଶୁଭାରମ୍ଭ କରିଥିଲେ। ପ୍ରଥମ ଦିନରେ ୬୦ଜଣ ଚାଷୀଙ୍କ ଅନଲାଇନରେ ତଥ୍ୟ ଯାଞ୍ଚ କରାଯାଇଥିଲା। କାର୍ଯ୍ୟକ୍ରମରେ ୱାର୍ଡସଭ୍ୟା ଅଞ୍ଜନା ଦାସ ଓ ତାଙ୍କ ସ୍ୱାମୀ ଜଗବନ୍ଧୁ ଦାସ ସହଯୋଗ କରିଥିଲେ। ଏହି ଅବସରରେ ଚାଷୀମାନଙ୍କ ଆଧାର କାର୍ଡ, ବ୍ୟାଙ୍କ ପାସବୁକ ଓ ଜମିପଟ୍ଟା ଆଦି ଯାଞ୍ଚ କରାଯାଇଥିଲା।

### ୩ କୃଷି ଆଇନ ପ୍ରତ୍ୟାହାର ହେଉ

**ମହାକାଳପଡ଼ା,୨୯।୧୦(ଡି.ଏନ.ଏ.):** କେନ୍ଦ୍ରାପଡ଼ା ଜିଲା ମହାକାଳପଡା ବ୍ଲକ ଅଧୀନ ମଙ୍ଗଳପୁର ପଞ୍ଚାୟତ ସ୍ଥାନୀୟ ବନ୍ଧପଡ଼ା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳରେ ଜିଲା ୧୦ମ ସମ୍ମିଳନୀ ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାର୍ଟିର ବରିଷ୍ଠ ନେତା ଜନାର୍ଦ୍ଦନ ପତି ଓ ଦୁଷ୍ମନ୍ତ ଦାସ ଯୋଗଦେଇ ଦେଶରେ କୃଷକ ଅବହେଳିତ ଅବସ୍ଥାରେ ଅଛନ୍ତି। ଏମାନଙ୍କ ପ୍ରତି କେନ୍ଦ୍ର ସରକାର ଅବହେଳା କରୁଛନ୍ତି। ଫଳରେ କୃଷକ ଆନ୍ଦୋଳନ ଦେଶରେ ଚରମ ସୀମାରେ ପହଞ୍ଚିଲାଣି। ୩ କଳା କୃଷି ଆଇନ ବାତିଲ ଦାବି କରାଯାଇଛି। ରାଜ୍ୟ ଓ କେନ୍ଦ୍ର ସରକାର ସବୁକ୍ଷେତ୍ରରେ ବିଫଳ ହୋଇଛନ୍ତି। କେନ୍ଦ୍ରାପଡ଼ା ଜିଲାରେ ଶିଳ୍ପ ନାହିଁ, ଖରସ୍ରୋତା ନଦୀରୁ ଘରୋଇ କମ୍ପାନୀକୁ ଜଳ ଯୋଗାଇ ଦେବାକୁ ସରକାର ଲୋକଙ୍କୁ ଭୂଆଁ ବୁଲାଇବା ଆରମ୍ଭ କରିଛନ୍ତି। ଚାଷୀମାନଙ୍କ ପାଇଁ ଶୀତଳଭଣ୍ଡାର ନାହିଁ ବୋଲି ନେତୃମଣ୍ଡଳୀ ଅଭିଯୋଗ କରିଛନ୍ତି। ଜିଲାରେ ନଦୀ ଭିତ୍ତିକ ବନ୍ଦର ଶିଳ୍ପ ପ୍ରତିଷ୍ଠା କରିବା, ଆଖଡ଼ାସାଲିକୁ ଚାରି ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ, ଜିଲାରେ ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ଭିତରକନିକା ଜାତୀୟ ପାର୍କ, ହୁକିଟୋଲାକୁ ପର୍ଯ୍ୟଟନସ୍ଥଳକୁ ଆଧୁନିକରଣ କରିବା, ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ଦେବାକୁ ପାର୍ଟି ପକ୍ଷରୁ ଦାବି କରାଯାଇଥିଲା। ସେହିପରି ଦରଦାମ୍ ନିୟନ୍ତ୍ରଣ କରିବା, ମେଡ଼ିକାଲରେ ଡାକ୍ତର ନିଯୁକ୍ତି କରିବା, ଅବହେଳିତ ହେଉଥିବା ଦଳିତଙ୍କୁ ନ୍ୟାୟ ପ୍ରଦାନ, ପେଟ୍ରୋଲ, ଡିଜେଲ ମୂଲ୍ୟ ହ୍ରାସ କରିବା ଦାବି ରହିଥିଲା। ସମ୍ମିଳନୀରେ ଜିଲାର ୯ ଜଣିଆ କମିଟି ଗଠନ ହେବା ସହସମ୍ପାଦକ ଭାବେ ଗୟାଧର ଧଳଙ୍କୁ ପୁନର୍ବାର ଜିଲା ପାର୍ଟି ସମ୍ପାଦକ ଭାବେ ନିର୍ବାଚିତ କରାଯାଇଛି। ଏଥିରେ ଅଭ୍ୟର୍ଥନା କମିଟି ଅଧକ୍ଷ ନରୋତ୍ତମ ପାର୍ଥସାରଥୀଙ୍କ ସମେତ ବହୁ ବୁଦ୍ଧିଜୀବୀ ପ୍ରମୁଖ ଯୋଗ ଦେଇଥିଲେ।

# ଶସ୍ତା ପ୍ଲାଏରେ ଝରକା, କବାଟ ନିର୍ମିତ

**ପାରାଦୀପ ୨୯।୧୦(ସ୍ୱ.ପ୍ର.)**



ପାରାଦୀପ କଲେଜ ( ଇନସଟ) ନିମ୍ନମାନର ପ୍ଲାଏ କବାଟ ଲାଗିଛି।

**ପାରାଦୀପ କଲେଜ ସମ୍ମିଳନୀ କକ୍ଷ**
- ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିଲା
- ମରାମତିରେ ୨୩ ଲକ୍ଷ ଖର୍ଚ୍ଚ
- ନିମ୍ନମାନର କାମ ଅଭିଯୋଗ କରିଛି ଯାଞ୍ଚ ଟିମ୍
- ଝରକାରୁ କାଚ ଗଳିପଡୁଛି

ପାରାଦୀପର ଏକମାତ୍ର କଲେଜ ପରିସରରେ ଥିବା ସମ୍ମିଳନୀ କକ୍ଷରେ ମରାମତି ବାବଦ ଖର୍ଚ୍ଚକୁ ନେଇ ମାସେ ହେବ ବିବାଦ ଲାଗିରହିଛି। ୨୩ ଲକ୍ଷ ଟଙ୍କା ବ୍ୟୟରେ ଏହାକୁ ମରାମତି କରାଯାଇଛି। ମାତ୍ର କାର୍ଯ୍ୟ ଶେଷ ହେବା ପରେ ତାହା କାମରେ ଲାଗୁନାହିଁ ବୋଲି କଲେଜର ୪ ଜଣିଆ ଅଧ୍ୟାପକ ଟିମ୍ ଅଭିଯୋଗ କରିଛନ୍ତି। ଠିକାସଂସ୍ଥା ପକ୍ଷରୁ କରାଯାଇଥିବା କାମ ନିମ୍ନମାନର ହୋଇଛି ବୋଲି ସେମାନେ ଦର୍ଶାଇଛନ୍ତି। ସୂଚନାଯୋଗ୍ୟ, ପାରାଦୀପ କଲେଜ ଅଫିସ କକ୍ଷକୁ ଲାଗି ସମ୍ମିଳନୀ କକ୍ଷ ରହିଛି। ସେଠାରେ ପ୍ରାୟତଃ ବୈଠକ ଓ ସେମିନାର କରାଯାଏ। ପାରାଦୀପ ବନ୍ଦର ଅର୍ଥରେ ନିର୍ମିତ ଏହି କୋଠା ଗତ ଫନି ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିଲା। ଝରକା କବାଟଠାରୁ ଆରମ୍ଭ କରି ଟେବୁଲ ବେଞ୍ଚ ଆଦି ଭାଙ୍ଗିଯାଇଥିଲା। ଏହାକୁ ମରାମତି କରିବା ପାଇଁ କଲେଜ ପକ୍ଷରୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଥିଲା। ପରେ ଆର ଆଣ୍ଡ ବି (ରୋଡ ଆଣ୍ଡ ବିଲ୍ଡିଂ ) ବିଭାଗ ପକ୍ଷରୁ ଯାଞ୍ଚ କରାଯାଇ ମରାମତି ପାଇଁ ଟେଣ୍ଡର କରାଯାଇଥିଲା। ଏହି କାର୍ଯ୍ୟ ପାଇଁ ୨୩ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଥିଲା ବୋଲି କଲେଜ ଅଧ୍ୟାପକ ଅକ୍ଷୟ ମିଶ୍ର କହିଛନ୍ତି। ପରେ ମରାମତି କାର୍ଯ୍ୟ ଯାଞ୍ଚ ନିମନ୍ତେ କଲେଜ ପକ୍ଷରୁ ୪ ଜଣିଆ ଟିମ୍ ଗଠନ କରାଯାଇଥିଲା। କାମ ଶେଷ ହେବା ପରେ ଦେଖାଗଲା, ଯେଉଁ କବାଟ, ଝରକା ଲାଗିଛି ସେଗୁଡ଼ିକ ପ୍ଲାଏରେ ନିର୍ମିତ। ସାମାନ୍ୟ ଧକ୍କା ଦେଲେ ତାହା ଗଳି ପଡୁଛି। ଏପରିକି ମରାମତି ହେବାର ଅଳ୍ପ ଦିନ ମଧ୍ୟରେ କାଚ ଝରକା ପବନରେ ଭାଙ୍ଗିଯାଇଛି। ଏମିତି କାମ ଦେଖି ଯାଞ୍ଚ ଟିମ୍ କଲେଜର ତତ୍କାଳୀନ ଅଧକ୍ଷା ସୁପ୍ରେମା କାନୁନଗୋ ନିକଟରେ ଗତ ସେପ୍ଟେମ୍ବରରେ ଅଭିଯୋଗ କରିଥିଲେ। ତେବେ କାନୁନଗୋ ୩୦ ସେପ୍ଟେମ୍ବରରେ ଅବସର ନେବା ପୂର୍ବରୁ ମରାମତି କାର୍ଯ୍ୟ ଠିକ ରହିଛି ବୋଲି ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ କାନୁନଗୋଙ୍କୁ ପଚରାଯିବାରୁ ସେ କିଛି କହିବା ପାଇଁ ମନା କରିଦେଇଥିଲେ। ଆର ଆଣ୍ଡ ବି ବିଭାଗର ନିର୍ବାହୀ ଯନ୍ତ୍ରୀ ନିମାଇଁ ଦାସଙ୍କୁ ଏ ବିଷୟରେ ଏକାଧିକ ବାର ଯୋଗାଯୋଗ କରାଯାଇଥିଲା। କିନ୍ତୁ ସେ ମୋବାଇଲ୍ ଫୋନ ଉଠାଇ ନ ଥିଲେ।

## ଯୁବକଙ୍କ ମୃତଦେହ ଜବତ ଘଟଣା: ସ୍ତ୍ରୀ କୋର୍ଟ ଚାଲାଣ

**ତିର୍ତ୍ତୋଲ, ୨୯।୧୦ (ଡି.ଏନ.ଏ.)**

ତିର୍ତ୍ତୋଲ ଥାନା ଅଧୀନ ରାହାମା ହାଟ ପୋଲ ନିକଟ ତାଳଦଣ୍ଡା କେନାଲରୁ ବିଶ୍ୱରଞ୍ଜନ ମହାନ୍ତିଙ୍କ ମୃତଦେହ ଜବତ ଘଟଣାରେ ଶୁକ୍ରବାର ସ୍ତ୍ରୀ ପ୍ରଜ୍ଞାପରମିତାଙ୍କୁ ପୋଲିସ ଗିରଫ ପରେ କୋର୍ଟ ଚାଲାଣ କରିଛି। ଗୁରୁବାର ବିଶ୍ୱରଞ୍ଜନଙ୍କୁ ହତ୍ୟା କରାଯାଇଥିବା ନେଇ ବାପା ଜ୍ଞାନରଞ୍ଜନ ଥାନାରେ ଅଭିଯୋଗ କରିଥିଲେ। ପରେ ପ୍ରଜ୍ଞାପରମିତାଙ୍କୁ ପୋଲିସ କଟକ ଜିଲା ନେମାଲ ଥାନା ଅଧୀନ ନଗଶପୁରସ୍ଥିତ ବାପ ଘରୁ ଆଣି ପଚରାଉଚୁରା କରୁଥିଲା। ବିଶ୍ୱରଞ୍ଜନଙ୍କ ଘର କେନ୍ଦ୍ରାପଡା ଜିଲାରେ ହୋଇଥିବା ବେଳେ ସେ ସ୍ତ୍ରୀ ଓ ପିଲାଙ୍କ ସହ ତିର୍ତ୍ତୋଲ ଥାନା ଅନ୍ତର୍ଗତ ମଣିଜଙ୍ଗାରେ ଘର ଭଡା ନେଇ ରହୁଥିଲେ। ଗତ ୧୧ ତାରିଖରୁ ବିଶ୍ୱରଞ୍ଜନ ନିଖୋଜ ଥିବା ନେଇ ତାଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିଥିଲେ। ୧୬ ଦିନ ପରେ ତାଙ୍କ ଗଳିତ ମୃତଦେହ ଜବତ ହୋଇଥିଲା। ପ୍ରାଥମିକ ପ୍ରମାଣ ଆଧାରରେ ପ୍ରଜ୍ଞାପରମିତାଙ୍କୁ ଗିରଫ କରାଯାଇଛି ବୋଲି ଆଇଆଇସି ଭାବଗ୍ରାହୀ ରାଉତରାୟ ସୂଚନା ଦେଇଛନ୍ତି। ଥାନାରେ ମାମଲା (ନଂ. ୪୭୩/୨୧) ରୁଜୁ ହୋଇଛି।

## ଯୌତୁକ ସାମଗ୍ରୀ ଆଣିବା ବେଳେ ୨ପକ୍ଷଙ୍କ ମଧ୍ୟରେ ମାରପିଟ

**ରାଜନଗର, ୨୯।୧୦(ଡି.ଏନ.ଏ.)**

ରାଜନଗର ଥାନା ପୋଲିସ ଯୌତୁକ ନିର୍ଯାତନା ମାମଲାରେ ଶୁକ୍ରବାର ନିର୍ଯାତିତ ବୋହୂ, ତାଙ୍କ ବାପା, ମା'ଙ୍କୁ ନେଇ ସାମଗ୍ରୀ ପାଇଁ ଶାଶୁଘରକୁ ଯାଇଥିଲେ। ସେଠାରେ ଉଭୟପକ୍ଷ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଗାଁର ମହିଳାମାନେ ଏକାଠି ହୋଇ ପୋଲିସ ସହ ଯାଇଥିବା ନିର୍ଯାତିତ ବୋହୂ, ତାଙ୍କ ମା'ବାପାଙ୍କୁ ଗାଁ ଦାଣ୍ଡରେ କାଦୁଅରେ ଗଡାଇ ମାଡ ମାରିଥିଲେ।

ପଟ୍ଟାମୁଣ୍ଡାଇ ଥାନା ବାଲିଆ ଗାଁର ଅଲେଖ ଚନ୍ଦ୍ର ନାଥଙ୍କ ଝିଅ ସ୍ୱପ୍ନାରାଣୀ ଜୁଲାଇ ୭ରେ ରାଜନଗର ଥାନା ଭିତରଗଡ ଗାଁରେ କାହ୍ନୁ ସିଂଙ୍କ ପୁଅ ପ୍ରତାପଙ୍କୁ ବିବାହ କରିଥିଲେ। ବିବାହ ବେଳେ ୫୦ ହଜାର ଟଙ୍କା ସହ ସୁନା ଅଳଙ୍କାର ଓ ଆସବାବପତ୍ର ଯୌତୁକ ବାବଦରେ ଦେଇଥିଲେ। ବିବାହର ୬ଦିନ ପରେ ଆଉ ୫୦ ହଜାର ଟଙ୍କା ଦାବି କରି ସ୍ୱପ୍ନାରାଣୀଙ୍କୁ ଶାଶୁଘର ଲୋକେ ନିର୍ଯାତନା ଦେଇଥିଲେ। ବିବାହର ୧୦ଦିନ ପରେ ସ୍ୱାମୀ ଅନ୍ୟ ଜଣେ ମହିଳାଙ୍କୁ ନେଇ ଫେରାର ହୋଇ ଯାଇଥିଲେ। ପରେ ସ୍ୱପ୍ନାରାଣୀଙ୍କୁ ଶାଶୁଘର ଲୋକେ ମିଳିମିଶି ମାଡ ମାରିଥିଲେ। ଏ ନେଇ ଗତ ୫ ତାରିଖରେ ଥାନାରେ ମାମଲା ରୁଜୁ ହୋଇଛି। ଶୁକ୍ରବାର ସବ୍‌ଇନ୍‌ସପେକ୍ଟର ବିଜୟ ବରାଳ ସ୍ୱପ୍ନାରାଣୀ, ତାଙ୍କ ବାପା, ମାଆ ଓ ଆଉ ୨ଜଣ ସମ୍ପର୍କୀୟଙ୍କୁ ନେଇ ଭିତରଗଡଠାରେ ପହଞ୍ଚିଥିଲେ। ଶାଶୁଘର ଲୋକେ ଯୌତୁକ ସାମଗ୍ରୀ କାଢି ଦେଇଥିଲେ। ଏହାକୁ ନେଇ ସ୍ୱପ୍ନାରାଣୀଙ୍କ ବାପଘର ଓ ଶାଶୁଘର ଲୋକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଗାଁର ମହିଳାମାନେ ସ୍ୱପ୍ନାରାଣୀଙ୍କୁ ବାପା, ମା'ଙ୍କ ପୋଲିସ ଆଗରେ ମାଡ ମାରିଥିଲେ। ଆଇଆଇସି ତପନ ନାୟକଙ୍କୁ ପଚାରିବାରୁ ପୋଲିସ ଉପସ୍ଥିତିରେ ଘଟଣା ଘଟିଛି। ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ

**ଜଗତ୍‌ସିଂହପୁର ଅଫିସ୍, ୨୯।୧୦**



ପ୍ରଶାସନିକ ଅଧିକାରୀମାନେ ଶପଥ ପାଠ କରୁଛନ୍ତି।

ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଶୁକ୍ରବାର ଜିଲାସ୍ତରୀୟ ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ଜିଲାପାଳ ପାରୁଲ୍ ପଟାୱରୀ ଉପସ୍ଥିତ ଅଧିକାରୀ ଓ କର୍ମଚାରୀଙ୍କୁ ବିପର୍ଯ୍ୟୟ ସମୟରେ ଧନ, ଜୀବନ କ୍ଷୟକ୍ଷତିକୁ ହ୍ରାସ ପାଇଁ ସାମର୍ଥ୍ୟ ଅନୁସାରେ ଉଦ୍ୟମ କରିବାକୁ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ପୌରୋହିତ୍ୟ କରି କହିଥିଲେ, ୧୯୯୯ ମହାବାତ୍ୟାରେ ଜଗତ୍‌ସିଂହପୁର ଜିଲା ବିଶେଷକରି ଏରସମା ବ୍ଲକ କ୍ଷତିଗ୍ରସ୍ତ ହୋଇଥିଲା। ଏହି ସମୟରେ ବହୁ ଲୋକଙ୍କ ସମେତ ଗୋ ସମ୍ପଦ, ପାଣୀ, ପକ୍ଷୀ ଓ ବୃକ୍ଷରାଜି ଆଦି ପ୍ରଭାବିତ ହୋଇଥିଲେ। ଏହି ମହାବାତ୍ୟାର ସ୍ମୃତିରେ ପ୍ରତିବର୍ଷ ଅକ୍ଟୋବର ୨୯ରେ ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳନ କରାଯାଉଛି। ଅନ୍ୟମାନଙ୍କ ମଧ୍ୟରେ ଉତ୍ସବରେ ଅତିରିକ୍ତ ଜିଲାପାଳ ଚିନ୍ମୟୀ ବିଶ୍ୱାଳ, ଉପ-ଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ଜିଲାସ୍ତରୀୟ ଅଧିକାରୀ, ଡେପୁଟି କଲେକ୍ଟର,ସହକାରୀ ଜିଲାପାଳ ଓ ଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ। ଜିଲା ଜରୁରୀ ବିଭାଗ ଅଧିକାରୀ ଅକ୍ଷୟ କୁମାର ବଡୁ ଏବଂ ଡି.ପି.ଓ. ଆଶୁତୋଷ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସନ୍ଧ୍ୟାରେ ମହାବାତ୍ୟାରେ ମୃତ୍ୟୁ ହୋଇଥିବା ଅମରଆତ୍ମାଙ୍କ ନିମନ୍ତେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ମହାବାତ୍ୟା ସ୍ମୃତିସ୍ତମ୍ଭ ନିକଟରେ ସମୂହ ଦୀପଦାନ କରାଯାଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ବିଶ୍ୱାଳଙ୍କ ସମେତ ଅନ୍ୟ ଅଧିକାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠି ସଭ୍ୟାମାନେ ଯୋଗଦେଇଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ସ୍ୱର୍ଣ୍ଣ ମଞ୍ଜରୀ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ହଂସୁଆ ସେତୁର ଆପ୍ରୋଚ ରୋଡ୍ ଖୋଳି ଘର ନିର୍ମାଣ

**ରାଜନଗର,୨୯।୧୦(ଡି.ଏନ.ଏ.)**

ରାଜନଗର ହଂସୁଆ ସେତୁ ଆପ୍ରୋଚ ରୋଡର ପଥର ପ୍ୟାକିଂକୁ ଖୋଳି ଘର ନିର୍ମାଣ କରାଯାଉଛି। ଆପ୍ରୋଚ ରୋଡକୁ ଜବରଦଖଲ କରି କଂକ୍ରିଟ ଛାତ ପକାଇ ଘର ନିର୍ମାଣ ଯୋଗୁ ୨ ଲକ୍ଷରୁ ଅଧିକ ଲୋକ ଅସୁବିଧା ଭୋଗୁଛନ୍ତି। ଏହି ସ୍ଥାନଟି ରାଜନଗର ବ୍ଲକ ହେଡ କ୍ୱାର୍ଟର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରବେଶ ପଥ। ଏଭଳି ଜନଗହଳି ପୂର୍ଣ୍ଣ ସ୍ଥାନରେ ଜବରଦଖଲ କରାଯାଇ ଘର ନିର୍ମାଣ ହୋଇଥିଲେ ମଧ୍ୟ ରାଜନଗର ତହସିଲଦାରଙ୍କ ନିରବତା ସନ୍ଦେହ ସୃଷ୍ଟି କରିଛି। ରାଜନଗରବାସୀ ଏ ନେଇ ତହସିଲଦାର, କେନ୍ଦ୍ରାପଡ଼ା ଜିଲାପାଳ, ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗକୁ ଲିଖିତ ଭାବେ ଜଣାଇଛନ୍ତି। ଅଭିଯୋଗ ମୁତାବକ, ରାଜନଗର ହଂସୁଆ ସେତୁ ନିକଟରେ ୪ ଛକ ରହିଛି। ଗୋଟିଏ ରାସ୍ତା ହଂସୁଆ ସେତୁକୁ ଲମ୍ବିଥିବା ବେଳେ ଅନ୍ୟ ୩ଟି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ରାଜନଗର ବଜାର ଓ ପର୍ଯ୍ୟଟନସ୍ଥଳୀ ଗୁପ୍ତି ଯାଏ ଲମ୍ବିଛି। ଏହି ରାସ୍ତା ରାଜନଗର ସବୁଠୁ ଜନଗହଳି ପୂର୍ଣ୍ଣ ରାସ୍ତା। ରାଜନଗର ହଂସୁଆ ସେତୁ ନିକଟରେ ଆପ୍ରୋଚ ରୋଡର ପଥର ପ୍ୟାକିଂକୁ ଖୋଳି ଜଣେ ବ୍ୟକ୍ତି କଂକ୍ରିଟ ପିଲାର ଉଠାଇ ଛାତ ପକାଇଛନ୍ତି। ଫଳରେ ସେ ସ୍ଥାନରେ ପ୍ରତିଦିନ ଦୁର୍ଘଟଣା ଘଟୁଛି। ଏହି ସ୍ଥାନରୁ ୫୦ରୁ ଊର୍ଦ୍ଧ୍ୱ ବସ୍ କଟକ, ଭୁବନେଶ୍ୱରକୁ ଯାଇଥାଏ। ଏହି ସ୍ଥାନଟି ସଙ୍କୁଚିତ ହୋଇଯାଇଥିବାରୁ ପ୍ରତିଦିନ ଟ୍ରାଫିକ ଜାମର ପରିସ୍ଥିତି ସୃଷ୍ଟି ହେଉଛି। ମାତ୍ର ୧୦୦ ମିଟର ଦୂରରେ ତହସିଲଦାରଙ୍କ ବାସଭବନ ଓ କାର୍ଯ୍ୟାଳୟ ଥିବାବେଳେ ସେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ଚୁପ୍ ବସିବା ଘଟଣା ରାଜନଗରବାସୀଙ୍କୁ ବ୍ୟଥିତ କରିଛି। ରାଜନଗର ଗାଁର ସୌଭାଗ୍ୟ ସେଠୀ, ଅଶ୍ୱିନୀ ସେଠୀ, ପବନ ସେଠୀ, ଦିଲୀପ ସେଠୀ ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ ଅଧିବାସୀ ଏହି ଜବରଦଖଲ ହଟାଇବାକୁ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ତହିଲଦାର ଭୋଳାନାଥ ସେଠୀଙ୍କୁ ପଚାରିବାରୁ ଏହା ଆମର ମାମଲା ନୁହେଁ, ତୁମେ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗରେ ଅଭିଯୋଗ କର ବୋଲି କହିଛନ୍ତି। ସରକାରୀ ଜମି ଜବରଦଖଲ ହୋଇ ଘର ନିର୍ମାଣ ହେବ, ସେ ଦାୟିତ୍ୱ କାହାର ବୋଲି ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରଶ୍ନ ଉଠିଛି।

## ଭାଜପା ପକ୍ଷରୁ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

**ପଟ୍ଟାମୁଣ୍ଡାଇ, ୨୯।୧୦**

**ମମିତା ମେହେରଙ୍କ ହତ୍ୟା ଘଟଣା**



ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ କୁଶ ପୁତ୍ତଳିକାକୁ ଭାଜପା କର୍ମୀମାନେ ପୋଡୁଛନ୍ତି।

କଳାହାଣ୍ଡି ଜିଲା ମହାଲିଙ୍ଗ ସନସାଇନ ପବ୍ଲିକ ସ୍କୁଲ ଅଧକ୍ଷା ମମିତା ମେହେରଙ୍କ ହତ୍ୟା ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସିଧାସଳଖ ସମ୍ପୃକ୍ତି ରହିଛି। ତେଣୁ ଘଟଣାର ସିବିଆଇ ତଦନ୍ତ କରିବା ସହ ଗୃହରାଷ୍ଟ୍ରମନ୍ତ୍ରୀ ମିଶ୍ରଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରାଯାଇ ତୁରନ୍ତ ଗିରଫ କରାଯାଉ ବୋଲି ପଟ୍ଟାମୁଣ୍ଡାଇ-ରାଜନଗର ଭାଜପ ପକ୍ଷରୁ ଦାବି କରାଯାଇଛି। ରାଜନଗର ନିର୍ବାଚନ ମଣ୍ଡଳୀ ପୂର୍ବତନ ବିଧାୟକ ଅଲେଖ କୁମାର ଜେନାଙ୍କ ନେତୃତ୍ୱରେ ପଟ୍ଟାମୁଣ୍ଡାଇ ମେଡ଼ିକାଲ ଛକଠାରେ ବିକ୍ଷୋଭରେ କର୍ମୀମାନେ ଯୋଗଦେଇ ଗୃହରାଷ୍ଟ୍ରମନ୍ତ୍ରୀ ମିଶ୍ରଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ମୃତ ମମିତାଙ୍କ ପରିବାର ବର୍ଗଙ୍କ ଅଭିଯୋଗ ଅଧାରରେ ଯେଉଁ ସବୁ ତଥ୍ୟ ଆଗକୁ ଆସିଛି, ତାହା ମୁଖ୍ୟ ଅଭିଯୁକ୍ତ ତଥା ସନସାଇନ ପବ୍ଲିକ ସ୍କୁଲର ମୁଖ୍ୟ ଗୋବିନ୍ଦ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେଠାରେ ଯୌନ ବ୍ୟଭିଚାର ଚାଲିଥିଲା। ଶାସକ ଦଳର ବହୁ ମନ୍ତ୍ରୀ ଓ ନେତା ସେଠାକୁ ବାରମ୍ବାର ଯାଉଥିଲେ। ଏହି ଅନୈତିକ କାର୍ଯ୍ୟକଳାପ ସମ୍ପର୍କରେ ମୃତା ମମିତା ଖୁଲାସା କରିଦେବାକୁ କହିବାରୁ ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି। ଏଥିରେ ଗୃହରାଷ୍ଟ୍ରମନ୍ତ୍ରୀଙ୍କ ସମ୍ପୃକ୍ତିକୁ ସିଧାସଳଖ ଇସାରା କରୁଛି। ତେଣୁ ତଦନ୍ତ ପ୍ରକ୍ରିୟାକୁ ନିରପେକ୍ଷ କରିବାକୁ ଗୃହ ବିଭାଗ ଦାୟିତ୍ୱରେ ଥିବା ମନ୍ତ୍ରୀ ମିଶ୍ରଙ୍କୁ ବରଖାସ୍ତ କରନ୍ତୁ ବୋଲି ଭାଜପା ନେତା ଓ କର୍ମୀମାନେ ଦାବି କରିଥିଲେ। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ବରିଷ୍ଠ ଭାଜପା ନେତା ସୁନାକର ପ୍ରଧାନ, ବନମାଳୀ ମହାପାତ୍ର, ମହେନ୍ଦ୍ର ଜୀବନ ଦାଶ, ପୀତାମ୍ବର କର, ବିଶ୍ୱରଞ୍ଜନ ପାତ୍ର, ରବୀନ୍ଦ୍ର ବିଶ୍ୱାଳ, ଜ୍ୟୋତିପ୍ରକାଶ ପ୍ରଧାନ, ଉଦୟ ଶଙ୍କର ଦାସ, ରାଜକିଶୋର ଦାସ, ପରେଶ୍ୱର ପାତ୍ର, ନୀଳକଣ୍ଠ ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ହାତୀ ଆକ୍ରମଣରେ ଜଣେ ଆହତ

**ତିର୍ତ୍ତୋଲ, ୨୯।୧୦ (ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ଗୁଆଲିପୁର ପଞ୍ଚାୟତର ବର୍ତ୍ତିଠାରେ ଗୁରୁବାର ଦେଖାଦେଇଥିବା ହାତୀ ଶୁକ୍ରବାର ତିର୍ତ୍ତୋଲ ବ୍ଲକରେ ପଶି ବିଭିନ୍ନ ଧାନ କ୍ଷେତରେ ଘୂରି ବୁଲୁଛି। ତାର ଆକ୍ରମଣରେ ଜଣେ ବୃଦ୍ଧ ଆହତ ହୋଇଛନ୍ତି। ସେ ହେଲେ ସ୍ଥାନୀୟ ତରଜଙ୍ଗା ପଞ୍ଚାୟତ ବଫାପୁର ଗ୍ରାମର ପଦନ ସାହୁ (୬୫)। ସେ ସକାଳୁ ଘର ପଛପଟ ବାଡ଼ିରୁ ଫୁଲ ତୋଳୁଥିବା ବେଳେ ହଠାତ୍ ହାତୀଟି ତାଙ୍କ ପାଖକୁ ଦୌଡି ଆସି ଠେଲି ଦେଇଥିଲା। ସ୍ଥାନୀୟ ଲୋକେ ପହଞ୍ଚି ହାତୀ ଘଉଡ଼ାଇବା ସହ ପଦନଙ୍କୁ ଉଦ୍ଧାର କରି ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଏପର୍ଯ୍ୟନ୍ତ ବନ ବିଭାଗ କର୍ମଚାରୀ ହାତୀ କାବୁ କରିବାକୁ ସକ୍ଷମ ହୋଇନାହାନ୍ତି। ଏବେ ହାତୀଟି ଗୋବିନ୍ଦପୁର-ସାଆଁସ ଗହିର ଆଡ଼କୁ ପଳାଇ ଆସିଥିବା ସୂଚନା ମିଳିଛି।

ଏ ସମ୍ପର୍କରେ ବନରକ୍ଷକ ସୁକାନ୍ତ ଦାସ କହିଛନ୍ତି, ହାତୀ ଚାଷ ଜମିରୁ ବାହାରକୁ ଆସୁ ଥିବାରୁ କାଦୁଅରେ ଟ୍ରାଙ୍କୁଲାଇଜ କରିବା ପରେ ତାକୁ ସ୍ଥାନାନ୍ତର କରିବାରେ ଅସୁବିଧା ହେବାର ଆଶଙ୍କା ରହିଛି। ଏନେଇ ହାତୀର ଗତିବିଧି ଉପରେ ନଜର ରଖାଯାଇଛି।

## ବେଆଇନ ଜାଗାରୁ ସବ୍‌ପୋଷ୍ଟ ଅଫିସ ଗୃହ ଉଚ୍ଛେଦ

**ଧର୍ମଶାଳା,୨୯।୧୦(ଡି.ଏନ.ଏ.)**

ଧର୍ମଶାଳା ତହସିଲ ଅନ୍ତର୍ଗତ ବଉଳମାଳ ପଞ୍ଚାୟତ କାର୍ଯ୍ୟାଳୟ ସ୍ଥାନରେ ବେଆଇନ ଭାବେ ଚାଲିଥିବା ଏକ ସବ୍‌ପୋଷ୍ଟ ଅଫିସ ଗୃହକୁ ତହସିଲ ପକ୍ଷରୁ ଶୁକ୍ରବାର ଉଚ୍ଛେଦ କରାଯାଇଛି। ଉକ୍ତ ସବ୍‌ପୋଷ୍ଟ ଅଫିସ ପିଅନ ମକରଧ୍ୱଜ ସାମଲ ପଞ୍ଚାୟତ କାର୍ଯ୍ୟାଳୟ ସ୍ଥାନରେ ଘର କରି ପୋଷ୍ଟ ଅଫିସ ପାଇଁ ଭଡ଼ାରେ ଦେଇଥିଲେ। ଏହା ଜଣାପଡ଼ିବା ପରେ ସ୍ଥାନୀୟ ଜନସାଧାରଣ ଓ ପଞ୍ଚାୟତ ପକ୍ଷରୁ ଘର ଉଚ୍ଛେଦ ପାଇଁ ଧର୍ମଶାଳା ତହସିଲଦାରଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ଗୁରୁବାର ଅଫିସ ସ୍ଥାନାନ୍ତର କରି ନିଆଯାଇଥିଲା ବେଳେ ଶୁକ୍ରବାର ଅତିରିକ୍ତ ତହସିଲଦାର ଶୀତଲ ଅଗ୍ରୱାଲା ପହଞ୍ଚି ଜେସିବି ସହାୟତାରେ ଘରକୁ ଭାଙ୍ଗିଥିଲେ।

## ଅଫ୍‌ଲାଇନ ପରୀକ୍ଷା ବାତିଲ ଦାବିରେ ଆନ୍ଦୋଳନ

**ଯାଜପୁର ଟାଉନ,୨୯।୧୦(ଡି.ଏନ.ଏ.)**

ଯୁକ୍ତ ୩ ଦ୍ୱିତୀୟ ବର୍ଷ ୪ର୍ଥ ସେମିଷ୍ଟାର ପରୀକ୍ଷା ଅଫଲାଇନରେ କରାଯିବାକୁ ବିରୋଧ କରି ବିରଜା ମହିଳା କଲେଜର ବହୁ ଛାତ୍ରୀ କଲେଜ ଫାଟକ ସମ୍ମୁଖରେ ଶୁକ୍ରବାର ନିଆଁ ଜାଳି ବିକ୍ଷୋଭ କରିଛନ୍ତି। ବହୁ ସଂଖ୍ୟକ ଛାତ୍ରୀ ଗଣଧାରଣା ଦେଇ ଦାବିକୁ କର୍ତ୍ତୃପକ୍ଷ ମାନିନେବାକୁ ଅଡ଼ି ବସିଛନ୍ତି। ୧୫ ଦିନ ମଧ୍ୟରେ କୋର୍ସ ସାରିବାକୁ ଛାତ୍ରୀଙ୍କୁ ତାଗିଦ ସହ ଅଫଲାଇନ ପରୀକ୍ଷା ନିମନ୍ତେ ବାଧ୍ୟ କରାଯାଇଥିବାରୁ କଲେଜରେ ଅଶାନ୍ତ ବାତାବରଣ ସୃଷ୍ଟି ହୋଇଛି। ଧାରଣାରତ ଛାତ୍ରୀ ଅଭିଯୋଗ କରିଛନ୍ତି ଯେ, ରମାଦେବୀ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ବିରଜା ମହିଳା କଲେଜରେ କୋଭିଡ ସମୟରେ କ୍ଲାସ ନ ହେବାରୁ କୋର୍ସ ପଛାଇଯାଇଛି। ତେଣୁ ଅନଲାଇନରେ ପାଠପଢ଼ା ହୋଇଥିବାରୁ ସେହି ଅନଲାଇନରେ ହିଁ ପରୀକ୍ଷା କରାଯାଉ ବୋଲି ଛାତ୍ରୀମାନେ ଦାବି କରିଛନ୍ତି। ଏଥିପୂର୍ବରୁ ୨୫ ତାରିଖରେ ଶତାଧିକ ଛାତ୍ରୀ ଏହି ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନଙ୍କ ଯୁକ୍ତି ହେଲା ଏପର୍ଯ୍ୟନ୍ତ ପାଠପଢ଼ା ସମ୍ପୂର୍ଣ୍ଣ ହୋଇନାହିଁ। ବିନା ପାଠପଢାରେ ସିଧାସଳଖ ପରୀକ୍ଷାର ସମ୍ମୁଖୀନ ଅର୍ଥ ଫେଲ ହେବା ସୁନିଶ୍ଚିତ। ଶତାଧିକ ଛାତ୍ରୀ କଲେଜ ସମ୍ମୁଖ ରାସ୍ତାରେ ପ୍ରତିବାଦ କରି କଲେଜ ଭିତରକୁ କାହାକୁ ପ୍ରବେଶ ପ୍ରସ୍ଥାନ କରିବାକୁ ସୁଯୋଗ ଦେଇ ନ ଥିଲେ। ରମାଦେବୀ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ବିରଜା କଲେଜ କର୍ତ୍ତୃପକ୍ଷ ଠିକ ଭାବେ ସମସ୍ୟା ନେଇ ଅବଗତ କରୁନାହାନ୍ତି କିମ୍ବା ରମାଦେବୀ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ବିରଜା କଲେଜ ଛାତ୍ରୀଙ୍କ ସମସ୍ୟା ଶୁଣିବା ଭଳି ପରିସ୍ଥିତିରେ ନାହାନ୍ତି। କର୍ତ୍ତୃପକ୍ଷଙ୍କ ଏ ପ୍ରକାର ଜିଦଖୋର ମନୋଭାବ ପିଲାଙ୍କ ଭବିଷ୍ୟତକୁ ଅନ୍ଧକାର କରିଦେବ ବୋଲି ଛାତ୍ରୀ ସୁପ୍ରଭା ମହାପାତ୍ର, ଦେବସ୍ମିତା ସାହୁ, ଅଲିଭା ରାଉଳ, ଲକ୍ଷ୍ମୀପ୍ରିୟା ଓଝା, ସବନମ ବେଗମ, ଅନିଷା ପରବିନ, ବର୍ଷାରାଣୀ ପାଗଳ, ରେଜିଆ ବେଗମ, ରଶ୍ମିରେଖା ପଣ୍ଡା, ଶୁଭସ୍ମିତା ଜେନା, ଲିପିମୟ ବର୍ଦ୍ଧନ ପ୍ରମୁଖ ଛାତ୍ରୀ କ୍ଷୋଭର ସହ କହିଛନ୍ତି।

## ଚୁଆପାଣିରେ ଶୋଷ ମେଣ୍ଟୁଛି

**କାଳିଆପାଣି,୨୯।୧୦(ଡି.ଏନ.ଏ.)**



ଜଣେ ଯୁବତୀ ଚୁଆରୁ ପିଇବା ପାଣି ସଂଗ୍ରହ କରୁଛନ୍ତି।

ଲୋକଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ସରକାରଙ୍କ ପ୍ରାଥମିକତା ରହିଛି। ହେଲେ ତାହା ଲୋକଙ୍କ ନିକଟରେ ପହଞ୍ଚି ପାରୁନାହିଁ। ଫଳରେ ଲୋକେ ଚୁଆପାଣିରେ ଶୋଷ ମେଣ୍ଟାଉଛନ୍ତି। ଯାଜପୁର ଜିଲା ସୁକିନ୍ଦା ବ୍ଲକ କଅଁସ ପଞ୍ଚାୟତର ଟିକିରପଡ଼ା ଗ୍ରାମରେ ଏପରି ଦୃଶ୍ୟ ଦେଖିବାକୁ ମିଳିଛି। ମାଓବାଦୀଙ୍କ ଗଡ଼ ରହିଥିବା ଏହି ଗ୍ରାମରେ ୬୦ ପରିବାର ବସବାସ କରୁଛନ୍ତି। ପାହାଡ଼ ଘେରା ଟିକିରପଡ଼ା ଗାଁକୁ ସଡ଼କ ନ ଥିବାରୁ ମାଓବାଦୀ ସେ ସମୟରେ କ୍ୟାମ୍ପ କରି ରହୁଥିଲେ। ଏହାକୁ ଦେଖି ସେ ଅଞ୍ଚଳକୁ ରାସ୍ତା କରାଯାଇଥିଲା। ଟିକିରପଡ଼ା ଉପରସାହିରେ ୩୭ ପରିବାର ଓ ତଳସାହିରେ ୨୩ ପରିବାର ଅଛନ୍ତି। ଉପରସାହିରେ ୨୦୧୮ରେ ସ୍କୁଲ ନିର୍ମାଣ କରାଯାଇଥିବା ବେଳେ ଗୋଟିଏ ନଳକୂପ ଖୋଳାଯାଇଛି। ହେଲେ ଏହି ନଳକୂପରେ ଜାନୁୟାରୀରୁ ଜଳସଙ୍କଟ ହୋଇଥାଏ। ଅନ୍ୟପଟେ ତଳସାହିରେ ଏକ ନଳକୂପ ପରିତ୍ୟକ୍ତ ହୋଇ ପଡ଼ିଥିବା ଅଭିଯୋଗ ହୋଇଛି। ତଳସାହିରେ ଲୋକେ ବର୍ଷ ତମାମ ପାନୀୟ ଜଳ ପାଇଁ ଚୁଆ ଉପରେ ନିର୍ଭର କରୁଛନ୍ତି। ନିକଟରେ ବୋହିଯାଇଥିବା ଝରଣା କଡ଼ରେ ଏକ ଗାତ ଖୋଳି ସେଥିରୁ ବାହାରୁଥିବା ପାଣି ବ୍ୟବହାର କରୁଛନ୍ତି। ତେବେ ଚୁଆରେ ଗଛର ପତ୍ର ପଡ଼ି ପତ୍ରପଚି ଯାଉଥିବାରୁ ସେ ପାଣିକୁ ବ୍ୟବହାର କରି ବହୁ ଦୁରାରୋଗବ୍ୟାଧିରେ ପୀଡ଼ିତ ହେଉଛନ୍ତି। ଏପରି କି ଚୁଆ ପାଣି ଶୁଖିଯିବା ପରେ ନାଳର ପାଣି ବ୍ୟବହାର କରିବାକୁ ଗ୍ରାମବାସୀ ବାଧ୍ୟ ହେଉଛନ୍ତି। ଗ୍ରାମର ନାରାୟଣ ସଏ, ତିରିଙ୍ଗ ମୁଣ୍ଡା ଓ ନରେନ ସଏ ପ୍ରମୁଖ ଲୋକପ୍ରତିନିଧିଙ୍କୁ ଭେଟି ପାନୀୟ ଜଳ ଯୋଗାଣ କରିବାକୁ ଅନୁରୋଧ କରିଥିଲେ ମଧ୍ୟ ତାହା ସମାଧାନ ହୋଇ ନ ଥିବା ଅଭିଯୋଗ କରିଛନ୍ତି। ତୁରନ୍ତ ସମାଧାନ ନ ହେଲେ ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହେବେ ବୋଲି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ଲାଗି ସୁକିନ୍ଦା ଭାରପ୍ରାପ୍ତ ବିଡିଓ ମହାପ୍ରସାଦ ମିଶ୍ରଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ।

## ଶିକ୍ଷାବିତ୍ ଭୋଳାନାଥ ରାଉତଙ୍କ ସ୍ମୃତିଚାରଣ

**ଜଗତ୍‌ସିଂହପୁର ଅଫିସ, ୨୯।୧୦**

ଜିଲା ସଂସ୍କୃତି ପରିଷଦ ଦ୍ୱାରା ପ୍ରକାଶିତ 'ଜଗତସିଂହପୁର: ଅତୀତ ଓ ବର୍ତ୍ତମାନ'ର ସଂକଳକ ଓ ମୁଖ୍ୟ ସମ୍ପାଦକ ଡ. ଭୋଳାନାଥ ରାଉତଙ୍କ ପରଲୋକ ହୋଇଯାଇଛି। ଶୁକ୍ରବାର ତାଙ୍କ ଚତୁର୍ଦ୍ଦଶାହ ଅବସରରେ ସ୍ଥାନୀୟ ସାରଦା ମଣ୍ଡପରେ ସ୍ମୃତିଚାରଣ ସଭାର ଆୟୋଜନ ହୋଇଥିଲା। ଏଥିରେ ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ଶିକ୍ଷାବିତ୍ ମହେନ୍ଦ୍ର ଆଚାର୍ଯ୍ୟ, ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାଶ, ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ, ଗୌରାଙ୍ଗ ଚରଣ ହୋତା ଓ ନିରଞ୍ଜନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଡ. ରାଉତ କେବଳ ଜଗତ୍‌ସିଂହପୁର ନୁହେଁ, ଓଡ଼ିଶାର ଜଣେ ସୁନାମଧନ୍ୟ ଶିକ୍ଷାବିତ୍ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ତାଙ୍କ ଦ୍ୱାରା ଜଗତ୍‌ସିଂହପୁର ଜିଲାର ଅତୀତ ଓ ବର୍ତ୍ତମାନ ସଂକଳିତ ହୋଇଛି। ଏହିସଙ୍କଳନ ତାଙ୍କୁଂରେ ସ୍ମରଣୀୟ କରି ରଖିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶେଷରେ ଅଧ୍ୟାପକ ନିରଞ୍ଜନ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ମୋବାଇଲ ଚୋରି କରି ଯୁବକ ଅଟକ



**ନୟାଗଡ଼ ଅଫିସ,୨୯।୧୦:** ନୟାଗଡ଼ ଜେଲ ପଛ ପାଖ ପରିବା ମାର୍କେଟରୁ ସ୍ଥାନୀୟ ବ୍ୟବସାୟୀମାନେ ଜଣେ ଯୁବକ ମୋବାଇଲ ଚୋରି କରୁଥିବା ବେଳେ କାବୁ କରି ପୋଲିସକୁ ହସ୍ତାନ୍ତର କରିଛନ୍ତି। ନୟାଗଡ଼ ଟାଉନ ଥାନା ପୋଲିସ ମୋବାଇଲ ଚୋରି କରିଥିବା ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଅନ୍ୟପକ୍ଷେ ଏକ ବାଇକ୍ ଜବତ କରିଛି। ପ୍ରାପ୍ତସୂଚନା ଅନୁସାରେ, ଦୁଇଜଣ ଅଜଣା ଯୁବକ ପରିବା ମାର୍କେଟରେ ବିଭିନ୍ନ ଦୋକାନକୁ ଯାଇ ପରିବା ରେଟ ପଚାରିଥିଲେ। ହେଲେ କୌଣସି ପରିବା କିଣି ନ ଥିଲେ। କିନ୍ତୁ ଜଣେ ଗ୍ରାହକ ପରିବା କିଣିବା ବେଳେ ଜଣେ ଯୁବକ ମୋବାଇଲ ଚୋରାଇ ଫେରାର ହୋଇ ଯାଇଥିଲେ। ସେହି ସମୟରେ ଅନ୍ୟ ଜଣେ ଯୁବକଙ୍କୁ ବ୍ୟବସାୟୀମାନେ କାବୁ କରି ନେଇଥିଲେ। ଧରା ପଡ଼ିଥିବା ଯୁବକ ତା'ର କଥାବାର୍ତ୍ତାରେ ବାରମ୍ବାର ପରିବର୍ତ୍ତନ କରୁଥିବା ବେଳେ ଆଚରଣ ଲୁଟେରା ପରି ଲାଗୁଥିଲା। ଏଣୁ ବ୍ୟବସାୟୀମାନେ ତାଙ୍କୁ ପୋଲିସ ଜିମା ଦେଇଛନ୍ତି।

### ସୁବୁଦ୍ଧି ଜୁଏଲେରିରେ ଜିଏସ୍‌ଟି ଚଢ଼ାଉ




**ନୟାଗଡ଼ ଅଫିସ,୨୯।୧୦:** ନୟାଗଡ଼ ସହର ଖଣ୍ଡପଡା ରୋଡସ୍ଥିତ ସୁବୁଦ୍ଧି ଜୁଏଲାରୀ ଉପରେ ଜିଏସ୍‌ଟି ଚଢ଼ାଉ ଶୁକ୍ରବାର ହୋଇଥିବା ଜଣାପଡିଛି। ଖୋର୍ଦ୍ଧା ଜିଲା ଜଟଣୀ ଏନଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଏ ଚଢ଼ାଉ ପୂର୍ବାହ୍ନ ୧୦ଟାରୁ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଜାରୀ ରହିଛି। ଚଢ଼ାଉର କାରଣ ଜଣାପଡି ନ ଥିଲେ ହେଁ ଏ ନେଇ ଗଣମାଧମ ପ୍ରତିନିଧିଙ୍କୁ କିଛି ସୂଚନା ଦିଆଯାଇନି। ଏ ନେଇ ଟିମ୍‌ଙ୍କୁ ପଚାରିବାରେ ଶଟର ପକାଇ ଭିତରେ ତଲାସି ଜାରି ରହିଥିଲା।

### ୨ ଦେଶୀ ବନ୍ଧୁକ ଜବତ

**ନୟାଗଡ଼ ଅଫିସ,୨୯।୧୦:** ଇଟାମାଟି ଥାନା ପୋଲିସ ନୋଉର ଗାଁର ଜଣେ ବ୍ୟକ୍ତିଙ୍କ ବାରିପଟରୁ ଗୁରୁବାର ରାତିରେ ୨ଟି ଦେଶୀ ବନ୍ଧୁକ ଜବତ କରିଛି। ତେବେ ବାରିପଟେ କିଏ ଦେଶୀ ବନ୍ଧୁକ ପକାଇଛି ଜଣାପଡିନାହିଁ। ପୋଲିସ ନଂ. ୧୭୨/୨୧ରେ ମାମଲା ରୁଜୁ କରି ତଦନ୍ତ କରୁଛି। ଅନ୍ୟପକ୍ଷେ ପଞ୍ଚାୟତ ନିର୍ବାଚନ ୨୦୨୨ରେ ହେବାର ଅଛି। ଏ ନେଇ ବିଭିନ୍ନ ଗାଁରେ ରାଜନୈତିକ ଉଷ୍ମତା ଦେଖା ଦେଲାଣି। ଗାଁ ଗାଁରେ ଗଣ୍ଡଗୋଳ ଆରମ୍ଭ ହେଲାଣି।

### ନୂତନ ବିଦ୍ୟାଳୟ ପରିଚାଳନା କମିଟି ଗଠିତ

**ଗଞ୍ଜାମ,୨୯।୧୦(ଡି.ଏନ.ଏ.):** ଗଞ୍ଜାମ ଏନ୍‌ଏସି ପୁଇଁତୋଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ନୂତନ ପରିଚାଳନା କମିଟି ଗଠିତ ହୋଇଯାଇଛି। ନୂତନ ସଭାପତି ଭାବେ ଅଜୟ କୁମାର ବାରିକି, ଉପସଭାପତି ସସ୍ମିତା ମହାରଣାଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଛି। ସଭ୍ୟଭାବେ ଭଗବାନ ପ୍ରଧାନ, ଗଣେଶ ସାହୁ ପ୍ରମୁଖ ରହିଛନ୍ତି। ପୁଇଁତୋଳା ୟୁପି ସ୍କୁଲ କ୍ଲଷ୍ଟର ସିଆର୍‌ସିସି ମହେଶ ବେହେରା, ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ବେହେରା, ସହ ଶିକ୍ଷୟିତ୍ରୀ ଶୁଭଶ୍ରୀ ଦାସ, ସାଗରିକା ଚଣ୍ଡ ଉପସ୍ଥିତ ଥିଲେ। ଏହି ଅବସରରେ ସ୍କୁଲ ବାଉଣ୍ଡରି, ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ନୂତନ କମିଟି ସଭାପତି ଓ ଉପସଭାପତିଙ୍କୁ ସ୍କୁଲ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

### ୪୨.୫ କେଜି ଗଞ୍ଜେଇ ଜବତ, ୨ ଗିରଫ

**ଫୁଲବାଣୀ ଅଫିସ,୨୯।୧୦:** ଫୁଲବାଣୀ ସଦର ଥାନା ପୋଲିସ ମଲିକପଡ଼ା ରାସ୍ତାରେ ଚଢାଉ କରି ଏକ କାରରୁ ୪୨.୫ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମଲିକପଡ଼ା ଗ୍ରାମର ରଞ୍ଜନ ବର୍ଗର୍ତୀ ଏବଂ ଭଦ୍ରକ ଜିଲାର ସପନ କାମିଲା। ଏକ କାର୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଥାନାଧିକାରୀ ପ୍ରଶାନ୍ତ କୁମାର ବେହେରା ଟିମ୍ ସହ ମଲିକପଡ଼ା ରାସ୍ତାରେ ଛକି ରହିଥିଲେ। ଗାଡି ଆସୁଥିବା ଦେଖି ଅଟକାଇ ଯାଞ୍ଚ କଲା ବେଳେ ସେଥିରୁ ଗଞ୍ଜେଇ ବାହାରିଥିଲା। ଏ ନେଇ ନଂ.୧୩୯/୨୧ରେ ମାମାଲା ରୁଜୁ ହୋଇଛି।

# ନକଲି ମଦ ବ୍ୟବସାୟୀଙ୍କ ସୁରକ୍ଷା ପାଇଁ ଆଲୋଚନା

**ନୟାଗଡ଼ ଅଫିସ,୨୯।୧୦**

- ଅବକାରୀ ମୋବାଇଲ ସ୍କ୍ୱାଡ୍ କାର୍ଯ୍ୟାଳୟରେ ଭିଡ଼
- ଗଣମାଧମର ପ୍ରତିନିଧିଙ୍କୁ ଦେଖି ଛତ୍ରଭଙ୍ଗ ଦେଲେ ବ୍ୟବସାୟୀ
- ଅଫିସରେ ଝୁଲିଲା ତାଲା, ଗାଏବ ହେଲେ କର୍ମଚାରୀ

ନୟାଗଡ଼ ସହରର ତ୍ରିନାଥ ଛକସ୍ଥିତ ଅବକାରୀ ମୋବାଇଲ ସ୍କ୍ୱାଡ୍ କାର୍ଯ୍ୟାଳୟରେ ଶୁକ୍ରବାର ନକଲି ଦେଶୀ ଓ ବିଦେଶୀ ମଦ ବ୍ୟବସାୟୀଙ୍କ ସୁରକ୍ଷା ପାଇଁ ଆଲୋଚନା ଚାଲିଥିଲା। କେତେଜଣ କାର୍ଯ୍ୟାଳୟ ଭିତରକୁ ଯାଇ ଆଲୋଚନା କରୁଥିବାବେଳେ ଅନ୍ୟମାନେ ବାହାରେ ରହି ସ୍ଥିତି ଅନୁଧ୍ୟାନ କରୁଥିଲେ। ଏପରିକି ଆଲୋଚନା ସମୟରେ ଯେପରି କାର୍ଯ୍ୟାଳୟକୁ କେହି ଯାଇପାରିବେ ନାହିଁ ସେପରି ବ୍ୟବସ୍ଥା ହୋଇଥିଲା। ଏଭଳି ସମୟରେ ଗଣମାଧମର କେତେଜଣ ପ୍ରତିନିଧି ଖବର ପାଇ ସମ୍ପୃକ୍ତ କାର୍ଯ୍ୟାଳୟକୁ ଯିବା ସମୟରେ ବ୍ୟବସାୟୀମାନେ ସ୍ଥାନ ଛାଡି ପଳାଇ ଯାଇଥିଲେ। ଏପରି କି ଅବକାରୀ ମୋବାଇଲ ସ୍କ୍ୱାଡ୍ କାର୍ଯ୍ୟାଳୟର କର୍ମଚାରୀ, ଅଧିକାରୀ ସଙ୍ଗେସଙ୍ଗେ କୁଆଡେ ପଳାଇଥିଲେ। ପରେ କାର୍ଯ୍ୟାଳୟରେ ତାଲା ଝୁଲିଥିଲା। ଏଭଳି ସମୟରେ ଗଣମାଧ୍ୟମର ପ୍ରତିନିଧିଙ୍କ ଉତ୍ତର ମଧ୍ୟ ଅବକାରୀ ବିଭାଗ ପକ୍ଷରୁ ଦିଆଯାଇ ନ ଥିଲା। ଏପରିକି ଅବକାରୀ କାର୍ଯ୍ୟାଳୟକୁ ଶୁକ୍ରବାର ଗଣମାଧମର ପ୍ରତିନିଧି ଯାଇଥିଲେ ମଧ୍ୟ ଅବକାରୀ ସୁପରିଟେଣ୍ଡେଣ୍ଟ ଭେଟ ପାଇ ନ ଥିଲେ।



ନୟାଗଡ଼ ଅବକାରୀ ବିଭାଗ ମୋବାଇଲ ସ୍କ୍ୱାଡ୍ ଆଗରେ ବ୍ୟବସାୟୀମାନଙ୍କ ଗହଳି।

ଅଭିଯୋଗ ଅନୁସାରେ, ଜିଲାରେ ଦିନକୁଦିନ ନକଲି ଦେଶୀ ଓ ବିଦେଶୀ ମଦର ଅବାଧ କାରବାର ଚାଲିଛି। ଏହାକୁ ରୋକା ନ ଗଲେ କଟକ, ପୁରୀ, ଗଞ୍ଜାମ, ଖୋର୍ଦ୍ଧା ମଦ ମୃତ୍ୟୁ ଘଟଣା ପରି ଘଟଣା ଘଟିବା ଆଶଙ୍କା ସୃଷ୍ଟି ହୋଇଛି। ସବୁଠାରୁ କ୍ଷୋଭର ବିଷୟ ହେଉଛି ଯେ ଏହି ନକଲି ମଦ ସମ୍ପର୍କରେ ଅବକାରୀ ବିଭାଗଠାରୁ ଆରମ୍ଭ କରି ପୋଲିସ ପର୍ଯ୍ୟନ୍ତ ଜାଣିଥିଲେ ମଧ ଧରପଗଡ କରି ରୋକା ଯାଉନାହିଁ। ପଲିଥିନରେ ପ୍ୟାକ୍ ହୋଇ ଆସୁଥିବା ନକଲି ମଦରେ ରାସାୟନିକ ସାମଗ୍ରୀ ଓ ରଙ୍ଗ ମିଶାଇ ଅତ୍ୟନ୍ତ ନିଶାଯୁକ୍ତ ପାନୀୟ ପ୍ରସ୍ତୁତ କରାଯାଉଛି। ସେହିପରି ନକଲି ବିଦେଶୀ ମଦ ସରକାରୀ ସ୍ୱୀକୃତିପ୍ରାପ୍ତ ବିଦେଶୀ ମଦ ଦୋକାନରେ ବିକ୍ରି ହେଉଛି। ଯାହାର ନଜୀର ଗତ ଜୁନ ୨୫ ତାରିଖରେ ଗଣିଆ ଥାନା ଆଡକଟା ବିଦେଶୀ ମଦ ଦୋନାକରୁ ଜବତ ମଦକୁ ନିଆଯାଇପାରେ। ଏଠାରେ ନକଲି ବିଦେଶୀ ମଦ ବିକ୍ରି ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲେ ମଧ ଅବକାରୀ ବିଭାଗ ଚଢ଼ାଉକୁ ଭୁଲି ଯାଉଥିଲା। ଶେଷରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ବାରମ୍ବାର ତାଗିଦ୍ ପରେ ନକଲି ମଦ ଧରାପଡିଥିଲା। ତେବେ ଅନ୍ୟ ସରକାରୀ ବିଦେଶୀ ମଦଦୋକାନ ଉପରେ ଚଢ଼ାଉ କରାଯାଉନାହିଁ। ଏ ନେଇ ଜଣେ ନକଲି ଦେଶୀ ମଦ ବ୍ୟବସାୟୀ କହିଛନ୍ତି, କାହାର ବ୍ୟକ୍ତିଗତ ଆଲୋଚନାକୁ ଗଣମାଧମର ପ୍ରତିନିଧି ଆସି ଭଣ୍ଡୁର କରି ଭଲ କରିନାହାନ୍ତି। ପେଟ ପାଟଣାର କଥାକୁ କିପରି ଆଲୋଚନା ମାଧମରେ ସମାଧାନ ହେବ, ସେନେଇ ଚେଷ୍ଟା ହୋଇଥିଲା। ଆମର ବ୍ୟବସାୟୀମାନେ ଆସି ପହଞ୍ଚି ସାରିଥିଲେ। ହେଲେ ଆପଣମାନେ ସବୁ ଏପଟସେପଟ କରି ଦେଲେ କହି ଚାଲି ଯାଇଥିଲେ। ଅନ୍ୟ ଜଣେ ନକଲି ବିଦେଶୀ ମଦ ବ୍ୟବସାୟୀ କହିଥିଲେ, ସବୁ ଅସଲି ହେଲେ କ'ଣ ବ୍ୟସାୟ ଚାଲିବ। ଅସଲି ସହ ନକଲି ରହିଲେ ବ୍ୟବସାୟ ତିଷ୍ଠିବ। ଅବକାରୀ ବିଭାଗ ପକ୍ଷରୁ ଆମକୁ ସହଯୋଗ ମିଳିଥିବାବେଳେ ଆପଣମାନେ ସବୁ ଗଡବଡ କରି ଦେଇଛନ୍ତି। ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ କୁହନ୍ତି, ରାଜ୍ୟରେ ଦୁର୍ନୀତି ନିବାରଣ ସପ୍ତାହ ଚାଲିଥିବାବେଳ ଦୀପାବଳି ଚାନ୍ଦା ପାଇଁ ନକଲି ମଦ ବ୍ୟବସାୟୀଙ୍କ ଭିଡ ଦୁର୍ନୀତି ନିବାରଣ ଶପଥକୁ ଫୁ କରି ଉଡାଇ ଦେଇଛି। ତେବେ ଗଣମାଧମର ପ୍ରତିନିଧିଙ୍କୁ ଦେଖି ନୟାଗଡ ଅବକାରୀ ମୋବାଇଲ ସ୍କ୍ୱାଡ୍ କାର୍ଯ୍ୟାଳୟ ସମ୍ମୁଖରୁ ନକଲି ମଦ ବ୍ୟବସାୟୀ ଛତ୍ରଭଙ୍ଗ ଦେବା ବିଭାଗର କାର୍ଯ୍ୟଦକ୍ଷତାକୁ କାଠଗଡାରେ ଛିଡା କରାଇଛି। ଜିଲାପାଳଙ୍କ ନିୟନ୍ତ୍ରଣରେ ଅବକାରୀ ବିଭାଗ ଥିବାରୁ ଜିଲାପାଳ ମଧ ସନ୍ଦେହ ଘେରକୁ ଆସି ଯାଇଛନ୍ତି ବୋଲି ସେ କହିଛନ୍ତି। ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଦିବ୍ୟ କିଶୋର ଟେଣ୍ଡେଲ କୁହନ୍ତି, ନକଲି ମଦ ବ୍ୟବସାୟୀ ନୟାଗଡ଼ ଅବକାରୀ ମୋବାଇଲ ସ୍କ୍ୱାଡ୍ କାର୍ଯ୍ୟାଳୟରେ ଭିଡ କରିଥିବା ନେଇ ଖବର ମୋ ପାଖରେ ନାହିଁ। ଏ ନେଇ ଅନୁଧ୍ୟାନ କରି ପଦକ୍ଷେପ ନେବେ ବୋଲି ସେ କହିଛନ୍ତି।

### ପୂର୍ବ ଶତ୍ରୁତାରୁ ଆକ୍ରମଣ, ୨ ଗିରଫ

**ହିଞ୍ଜିଳିକାଟୁ,୨୯।୧୦(ଡି.ଏନ୍.ଏ)**

ହିଞ୍ଜିଳିକାଟୁ ପୌରାଞ୍ଚଳ ନୂଆଗଡ଼ ଗ୍ରାମରେ ଗୁରୁବାର ରାତିରେ କୋଠିଶାଳ ଯାତ୍ରା ଚାଲିଥିବା ବେଳେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଗୁରୁତର ଆହତ ହୋଇଥିବା ଯୁବକ ହେଲେ ବଳରାମ ଗଉଡ। ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଯୁବକଙ୍କୁ ପଥର ଛେଚି ଦୁଇ ଭାଇ ଆକ୍ରମଣ କରିଥିବା ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ନଂ. ୫୮୪/୨୧ରେ ମାମଲା ରୁଜୁ କରିଛି। ଏହି ମାମଲାରେ ଶୁକ୍ରବାର ପୋଲିସ ନୂଆଗଡ଼ ଗ୍ରାମର ୨ ଭାଇ ମାଧବ ଗଉଡ଼ ଓ ଗାନ୍ଧୀ ଗଉଡଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଆଇଆଇସି ଅଭିମନ୍ୟୁ ଦାସ କହିଛନ୍ତି।

### ମୁକୁଳା ଟ୍ରାନ୍ସଫର୍ମର ଲାଗି ଷଣ୍ଢ ମୃତ

**ହିଞ୍ଜିଳିକାଟୁ,୨୯।୧୦(ଡି.ଏନ୍.ଏ)**

ହିଞ୍ଜିଳିକାଟୁ ବ୍ଲକ ବୁରୁପୋଡ଼ା ନୂଆଁ ସାହିରେ ଥିବା ଏକ ମୁକୁଳା ଟ୍ରାନ୍ସଫର୍ମରରେ ଲାଗି ଶୁକ୍ରବାର ଷଣ୍ଢର ମୃତ୍ୟୁ ଘଟିଛି। ଶୁକ୍ରବାର ୨ଷଣ୍ଢ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ୨ ଷଣ୍ଢକୁ ଠେଲାଠେଲି ହୋଇ ନିକଟରେ ଥିବା ମୁକୁଳା ପଡ଼ିଥିବା ଟ୍ରାନ୍ସଫର୍ମର ଭିତରେ ପଶିଯାଇଥିଲେ। ସେଠାରେ ଜଣେ ଷଣ୍ଢ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯାଇଥିଲା। ଅନ୍ୟ ଷଣ୍ଢଟି ବିଦ୍ୟୁତ୍ ଆଘାତ ପାଇ ଛିଟିକି ପଡ଼ିଥିଲା। ଗ୍ରାମବାସୀ ଟ୍ରାନ୍ସଫର୍ମରୁ ବିଦ୍ୟୁତ୍ ସରବରାହ ବିଛିନ୍ନ କରିଥିଲେ ମଧ ଷଣ୍ଢର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ମୁକୁଳା ଟ୍ରାନ୍ସଫରମରକୁ ଆବଦ୍ଧ କରିବା ପାଇଁ ଗ୍ରାମବାସୀ ପୂର୍ବରୁ ବହୁବାର ଦାବି କରି ଆସୁଥିଲେ ମଧ ବିଦ୍ୟୁତ୍ ବିଭାଗ ଶୁଣୁନଥିବାରୁ ଏଭଳି ଘଟିଥିବା ଲୋକେ ଅଭିଯୋଗ କରିଛନ୍ତି। ଅଗ୍ନିଶମ ବାହିନୀ ପହଞ୍ଚି ମୃତ ଷଣ୍ଢକୁ ବାହାର କରିଥିଲେ।

### କଂଗ୍ରେସ, ଭାଜପା କର୍ମୀଙ୍କୁ ଅଟକ ରଖିଲା ପୋଲିସ

**ଦାରିଙ୍ଗବାଡ଼ି,୨୯।୧୦ (ଡି.ଏନ୍.ଏ.)**

ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ ମନ୍ତ୍ରୀ ପ୍ରତାପ ଜେନା ଦାରିଙ୍ଗବାଡ଼ି ବ୍ଲକକୁ ଦୁଇଦିନିଆ ଗସ୍ତରେ ଆସିଥିବା ବେଳେ ତାଙ୍କୁ ବିରୋଧ କରାଯିବା ଆଶଙ୍କା ଥିବାରୁ ପୋଲିସ କଂଗ୍ରେସ ଏବଂ ଭାଜପାର ପ୍ରାୟ ୨୦ଜଣ କର୍ମୀଙ୍କୁ ଶୁକ୍ରବାର ଭୋରରୁ ଘରୁ ଉଠାଇ ନେଇଛି। ବିରୋଧ ଭୟରେ ନଜରବନ୍ଦୀ କରି ରଖାଯିବା ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଅଟକ ଥିବା କଂଗ୍ରେସ ଦଳର କାଳୀପ୍ରସାଦ ମଲ୍ଲିକଙ୍କ ସମେତ ବିଳାସିନୀ ନାୟକ, ସିମଳାରାଣୀ ପତ୍ରା, ଭାଜପାର ମହେଶ୍ୱର ସାହୁ, ମିଟୁ ସାହୁ ପ୍ରମୁଖ କହିଛନ୍ତି। ସେମାନେ ମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରି କଳାପତାକା ଦେଖାଇବା ଏବଂ ମନ୍ତ୍ରୀଙ୍କ ବିରୋଧରେ ସ୍ଲୋଗାନ ଦେଉଥିବା ଭିଡିଓ ଭାଇରାଲ ହୋଇଛି।

### ନାଳରେ ପଡ଼ି ଯୁବକଙ୍କ ମୃତ୍ୟୁ

**ଆସିକା,୨୯।୧୦(ଡି.ଏନ.ଏ)**

ଆସିକା – ବାଲିପଦର ମୁଖ୍ୟ ରାସ୍ତାର ଚିନିଶିଳ୍ପ ସଂଲଗ୍ନ କଇଁଫୁଲିଆ ନାଳରେ ପଡିଯାଇ ଶୁକ୍ରବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚିନିଶିଳ୍ପ ନୂଆଗାଁର ନିହାର ରଞ୍ଜନ ନାୟକ (୨୭) । ନିହାର କଇଁଫୁଲିଆ ନାଳରେ ପଡିଯାଇଥିବା ଖବରପାଇ ପରିବାର ପକ୍ଷରୁ ତାଙ୍କୁ ଉଦ୍ଧାର କରି ଆସିକା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । କିଭଳି ପରିସ୍ଥିତିରେ ନିହାର ନାଳରେ ପଡିଲେ ତାହା ସ୍ପଷ୍ଟ ହୋଇନାହିଁ। ଆସିକା ପୋଲିସ ଡାକ୍ତରଖାନାରେ ପହଞ୍ଚି ତଦନ୍ତ ଚଳାଇଛି ।

## ଜଳ ଯୋଗାଣ କର୍ମଚାରୀ ସଂଘ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର

**ଖଣ୍ଡପଡ଼ା,୨୯।୧୦ (ସ୍ୱ.ପ୍ର.)**

ଗ୍ରାମୀଣ ଜଳ ଯୋଗାଣ କର୍ମଚାରୀମାନେ ବିଭିନ୍ନ ସମସ୍ୟା ମଧ ଦଇ ଗତି କରୁଛନ୍ତି। ରାଜ୍ୟ ସରକାର ସମସ୍ୟାଗୁଡିକର ସମାଧାନ ଦିଗରେ ଧ୍ୟାନ ଦେଉ ନ ଥିବାରୁ ସଂଘ ପକ୍ଷରୁ ଆନ୍ଦୋଳନ ଜାରି ରହିଛି। ଖଣ୍ଡପଡା ବ୍ଲକ ଅଧୀନ ୨୨ଟି ପଞ୍ଚାୟତରେ କାର୍ଯ୍ୟରତ କର୍ମଚାରୀମାନେ ୭ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଖଣ୍ଡପଡା ବିଡିଓଙ୍କୁ ଶୁକ୍ରବାର ପ୍ରଦାନ କରିଛନ୍ତି। ଏସ୍‌ଇଏମ୍ ଓ ଗ୍ରାମୀଣ ଜଳ ଯୋଗାଣ କର୍ମଚାରୀ ସଂଘର ଖଣ୍ଡପଡା ବ୍ଲକ ସଭାପତି ସଂଗ୍ରାମ କେଶରୀ ସିଂହଙ୍କ ନେତୃତ୍ୱରେ ୫୦ରୁ ଊର୍ଦ୍ଧ୍ୱ କର୍ମଚାରୀ ବିଡିଓଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହ ଶୁକ୍ରବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରଛନ୍ତି। ତେବେ ରାଜ୍ୟ ସରକାର ସମସ୍ତ ଦାବି ପୂରଣ କରିବା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଉପାୟରେ ଆନ୍ଦୋଳନ ଚାଲୁ ରହିବ ବୋଲି ସଂଘର ସଙ୍ଗଠକ ଯୁଧିଷ୍ଠିର ସିଂହ, ମାର୍କଣ୍ଡ ପ୍ରଧାନ, ଦିଲୀପ ମହାପାତ୍ର, ମଧୁସୂଦନ ବେହେରା, ଦାଶରଥି ରାଉତ ପ୍ରମୁଖଙ୍କ ଠାରୁ ପ୍ରକାଶ।



ବିଡିଓଙ୍କୁ ସଂଘ ପକ୍ଷରୁ ଦାବିପତ୍ର ଦିଆଯାଉଛି।



ଦୁର୍ନୀତି ନିବାରଣ ସଚେତନତା ଅବସରରେ କଲେଜରେ ଶପଥ ପାଠ କରୁଥିବା ଅଧକ୍ଷ, ଅଧାପିକା ଅଧାପକ, ଛାତ୍ରୀଛାତ୍ରମାନେ।

## ଓଡ଼ଗାଁ କଲେଜରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

**ଓଡ଼ଗାଁ, ୨୯।୧୦ (ସ୍ୱ.ପ୍ର.)**

ସ୍ଥାନୀୟ ରଘୁନାଥ ସମବାୟ ମହାବିଦ୍ୟାଳୟରେ ଶୁକ୍ରବାର ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଇଛି। କଲେଜ ଅଧକ୍ଷ ମହମ୍ମଦ ଓମାର ମଲିକଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କୋଭିଡ୍ ନିୟମ ପାଳନ ପୂର୍ବକ ଛାତ୍ରୀଛାତ୍ର, ଅଧାପିକାଅଧାପକ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ସ୍ୱତନ୍ତ୍ର ଭାରତ ୭୫, ସତ୍ୟନିଷ୍ଠାରୁ ଆତ୍ମନିର୍ଭରତା ଶୀର୍ଷକ ଅନୁଚିନ୍ତା ଅନୁସାରେ ସମସ୍ତେ ଶପଥ ପାଠ କରିଥିଲେ। ପ୍ରାଧାପକ ବିଶ୍ୱନାଥ ମହାରଣା, ବାବାଜୀ ପରିଡ଼ା, ମୌସୁମୀ ମହାପାତ୍ର, ପ୍ରଶାନ୍ତ କୁମାର ପଣ୍ଡା, ସୁଦୀପ୍ତ କୁମାର ଦଳେଇ, ନିରୋଦ ପ୍ରଧାନ, ନିରଞ୍ଜନ ଦାସ, ପଦ୍ମନାଭ ମହାପାତ୍ର, ଶ୍ୱେତପଦ୍ମା ନାୟକ ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ର ଓ ଅଧକ୍ଷଙ୍କ ଦ୍ୱାରା ଶପଥ ପାଠ କରାଯାଇଥିଲା।

## ପଦ୍ମଶ୍ରୀ ଏସ୍.ଏନ୍. ସୁବାରାଓଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା

**ନୟାଗଡ଼ ଅଫିସ,୨୯।୧୦**

ଗାନ୍ଧିବାଦୀ ନେତା ପଦ୍ମଶ୍ରୀ ଏସ. ଏନ. ସୁବାରାଓଙ୍କ ସ୍ମୃତିରେ ନୟାଗଡ଼ ତ୍ରିନାଥ ଛକସ୍ଥିତ ଗାନ୍ଧୀମୂର୍ତ୍ତିଠାରେ ଏକ ସ୍ମୃତିଚାରଣ ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ସେବା ଉତ୍ସବ ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସ୍ମୃତିଚାରଣ ସଭାରେ ପଦ୍ମଶ୍ରୀ ସୁବାରାଓଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସେବା ଉତ୍ସବ ସମିତି ଅଧକ୍ଷ ଶିବରାମ ମହାପାତ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ସ୍ମୃତିସଭାରେ ସାମଜିକ କର୍ମୀ ଦାମୋଦର ସାହୁ, ଅରୁଣ କୁମାର ମହାନ୍ତି, ସନ୍ତୋଷ କୁମାର ପ୍ରଧାନ, ପ୍ରଦୀପ କୁମାର ସାହୁ, ଯୁଥଫର ଆକ୍ସନ ଜିଲା ସଭାପତି ପରମେଶ୍ୱର ସାହୁ, ସାମାଜିକ କର୍ମୀ ସଞ୍ଜୟ ନାୟକ, ସାହିତ୍ୟିକ ଚନ୍ଦ୍ର ବିଜୟୀ ମିଶ୍ର, ଅନନ୍ୟା ଫାଉଣ୍ଡେଶନ ଅଧକ୍ଷ ଆଶୁତୋଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେମାନେ ଦେଶର ଯୁବକମାନଙ୍କ ପାଇଁ ସୁବାରାଓଙ୍କ ଅତୁଳନୀୟ ଅବଦାନ ବିଷୟରେ ବକ୍ତବ୍ୟ ରଖିଥିଲେ। ମଧ୍ୟପ୍ରଦେଶର ଚମ୍ବଲ ଉପତ୍ୟକାକୁ ଦସ୍ୟୁଙ୍କ କବଳରୁ ମୁକ୍ତ କରିବା ସହ କୁଖ୍ୟାତ ଅପରାଧୀମାନଙ୍କୁ ସାମାଜିକ ମୁଖ୍ୟ ସ୍ରୋତକୁ ଫେରାଇ ଆଣିବାରେ ସୁବାରାଓଙ୍କ ଉଲ୍ଲେଖନୀୟ ଭୂମିକା ରହିଥିଲା। ଏହାଛଡ଼ା ଜାତୀୟ ଯୁବ ପ୍ରକଳ୍ପ ମାଧମରେ ଦେଶର ଯୁବକମାନଙ୍କୁ ଜାତୀୟତା ଆନ୍ଦୋଳନରେ ସାମିଲ କରିବାରେ ସୁବାରାଓଙ୍କ ଅବଦାନ ଦେଶବାସୀ ସବୁଦିନ ପାଇଁ ମନେ ରଖିବେ ବୋଲି ମତ ପ୍ରକାଶ ପାଇଥିଲା।



ସ୍ମୃତିସଭା ଅବସରରେ ଉପସ୍ଥିତ ବ୍ୟକ୍ତିମାନେ ଦୀପ ଦାନ କରୁଛନ୍ତି।

## ରିଜର୍ଭେଶନ ଟିକେଟ ଦରକାର ନାହିଁ

**ନୟାଗଡ଼ ଅଫିସ,୨୯।୧୦**

ନୟାଗଡ଼ରୁ କଟକ, ପୁରୀ ଓ ଭୁବନେଶ୍ୱର ସେବା ଏକ୍ସପ୍ରେସରେ ଯିବାକୁ ହେଲେ ଆଉ ରିଜର୍ଭେଶନ ଟିକଟର ଆବଶ୍ୟକତା ନାହିଁ। ଯାତ୍ରୀମାନେ ନଭେମ୍ବର ୧ରୁ ଅଣସଂରକ୍ଷିତ ଟିକେଟରେ ଯାତ୍ରା କରିବେ। ପୁଣି ଟିକେଟ ମୂଲ୍ୟରେ ହ୍ରାସ ଘଟିଛି। ନୟାଗଡ଼ରୁ ପୁରୀକୁ ଯିବାକୁ ହେଉଥିଲେ ରିଜର୍ଭେଶନ ଓ ଅଣସଂରକ୍ଷିତ ପରି ୨ଟି ଟିକେଟ ଦରକାର ପଡୁଥିଲା। ଏଥିପାଇଁ ୮୫ ଟଙ୍କା ଖର୍ଚ୍ଚ କରିବାକୁ ପଡୁଥିଲା। ଏବେ ନୟାଗଡ଼ରୁ ପୁରୀ ୫୫ ଟଙ୍କା ଟିକେଟ କରିବାକୁ ପଡିବ। ସେହିପରି ଭୁବନେଶ୍ୱର ପାଇଁ ୬୦ ସ୍ଥାନରେ ୪୫ ଟଙ୍କାର ଟିକେଟ ହେବ। ଅନ୍ୟପକ୍ଷେ କଟକ ଟିକେଟ ମିଳୁ ନ ଥିଲା। ଏବେ ୫୫ ଟଙ୍କା ଟିକେଟରେ କଟକ ଯାଇ ହେବ।

## ବ୍ୟାଙ୍କ ସମୂହ ଦ୍ୱାରା ୫୪ କୋଟି ଋଣ ପ୍ରଦାନ

**ଫୁଲବାଣୀ ଅଫିସ, ୨୯।୧୦**

କନ୍ଧମାଳ ଜିଲାର ବିଭିନ୍ନ ବ୍ୟାଙ୍କ ସମୂହଙ୍କ ମିଳିତ ଆନୁକୂଲ୍ୟରେ ଶୁକ୍ରବାର ବ୍ୟାଙ୍କ ସଂଯୋଗୀକରଣ ଶିବିର ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ, ମହିଳା ସଂଗଠନ, ବ୍ୟକ୍ତି ବିଶେଷ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାଙ୍କ ଜରିଆରେ ଦିଆ ଯାଉଥିବା ଋଣ ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗ ସଂପର୍କରେ ଅବଗତ ହୋଇଥିଲେ । ଋଣ ନେଉଥିବା ଲୋକେ ଠିକ ସମୟରେ ଋଣ ପରିଶୋଧ କରିବା ପାଇଁ ବିଧାୟକ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ବୀରେନ୍ଦ୍ର କୁମାର ଦାଶ ଯୋଗଦେଇ ସରକାରଙ୍କ ପକ୍ଷରୁ ଲାଗୁ ହୋଇଥିବା ବିଭିନ୍ନ ଜୀବନ ଜିବିକା ସଂପର୍କିତ ଯୋଜନା ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନା କରି ଫୁଲବାଣୀ ଅଗ୍ରଣୀ ବ୍ୟାଙ୍କ ପରିଚାଳକ କଳ୍ପତରୁ ଦାଶ ଉପସ୍ଥିତ ହିତାଧିକାରୀ ମାନଙ୍କୁ ବିଭିନ୍ନ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ଏସ୍‌ଏଚ୍‌ଜି ଓ ବ୍ୟକ୍ତି ବିଶେଷଙ୍କୁ ୫୪ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଥିଲା । ଫୁଲବାଣୀ ବିଡିଓ ଶାନ୍ତନୁ ନାୟକ, ଫିରିଙ୍ଗିଆ ବିଡିଓ ରଶ୍ମୀରଞ୍ଜନ ମହନ୍ତ, ବ୍ୟାଙ୍କ ଅଧିକାରୀ ବିଷ୍ଣୁଚରଣ ସାହାଣି, ଆକ୍ସିସ ବ୍ୟାଙ୍କ ଅଧିକାରୀ ସତ୍ୟରାମ ପାଠୀଙ୍କ ସମେତ ବିଭିନ୍ନ ବ୍ୟାଙ୍କର ଅଧିକାରୀ ମାନେ ଯୋଗ ଦେଇଥିଲେ ।

## ପଞ୍ଚାୟତ ନିର୍ବାଚନ ସ୍ଥଗିତ ରଖାଯାଉ

- ଗ୍ରାମସଭାର ନିଷ୍ପତ୍ତିକୁ ଅଣଦେଖା କଲେ ଭୋଟ ବର୍ଜନ
- କଣ୍ଟିଲୋ ଏନ୍‌ଏସି ପାଇଁ ଜିଲାପାଳଙ୍କୁ ସ୍ମାରକପତ୍ର

**ନୟାଗଡ଼ ଅଫିସ,୨୯।୧୦**

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ପଞ୍ଚାୟତରେ ୨୦୨୨ ପଞ୍ଚାୟତ ନିର୍ବାଚନକୁ ସ୍ଥଗିତ ରଖାଯାଉ। ସ୍ଥାନୀୟ ବାସିନ୍ଦାଙ୍କର ଦାବି ଅନୁସାରେ କଣ୍ଟିଲୋରେ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି)ର ମାନ୍ୟତା ଦିଆଯାଉ। ପ୍ରଶାସନ ପଞ୍ଚାୟତ ନିର୍ବାଚନ ବନ୍ଦ କରି ଏନ୍‌ଏସି ମାନ୍ୟତା ଦେବାକୁ ଅଣଦେଖା କଲେ ଗ୍ରାମବାସୀ ବାଧ ହୋଇ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଶୁକ୍ରବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ନୟାଗଡ଼ ଜଲାପାଳ ପୋମା ଟୁଡୁ, ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ ଓ ଉପଜିଲାପାଳ ଲଗ୍ନଜିତ ରାଉତଙ୍କୁ ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ଗତ ୨୪ ତାରିଖରେ ଗ୍ରାମସଭା ବସି କଣ୍ଟିଲୋ ପଞ୍ଚାୟତକୁ ଏନ୍‌ଏସିର ମାନ୍ୟତା ଦେବା ପାଇଁ ନିଷ୍ପତ୍ତି ହୋଇଛି। ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଉଦ୍ଦେଶ୍ୟରେ ସରପଞ୍ଚ ପ୍ରତାପ ଚନ୍ଦ୍ର ସାହୁ, ନାଗରିକ ମଞ୍ଚର ସଭାପତି ଅଖିଳ କୁମାର ମହାରଣା, ମୁଖ୍ୟ ଉପଦେଷ୍ଟା ପ୍ରଭାକର ଶିରୋମଣ, ଅଜୟ ମହାରଣା, ବରିଷ୍ଠ ନାଗରିକଙ୍କ ସମେତ ଜିଲା ପ୍ରଶାସନ ସହ ଆଲୋଚନା କରି ଫେରିଛନ୍ତି। ଆବଶ୍ୟକ ହେଲେ ଆଗାମୀ ପଞ୍ଚାୟତ ନିର୍ବାଚନକୁ ସ୍ଥଗିତ ରଖି ସରକାର ବିଧିବଦ୍ଧ ପଦକ୍ଷେପ ଗ୍ରହଣ କରିପାରିବେ ବୋଲି ଜିଲା ପ୍ରଶାସନ ସୂତ୍ରରୁ ପ୍ରକାଶ। ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ ପରିଚିତ କଣ୍ଟିଲୋ ଏକ ରାଜସ୍ୱ ଗ୍ରାମ ତଥା ପଞ୍ଚାୟତ ଅଟେ। ଏହି ପଞ୍ଚାୟତକୁ ଏନ୍‌ଏସିର ମାନ୍ୟତା ପାଇଁ ସମସ୍ତ ଭିତ୍ତିଭୂମି ଯଥା ଶିକ୍ଷା ସ୍ୱାସ୍ଥ୍ୟ, ଉଚ୍ଚ ଶିକ୍ଷା, ଆବଶ୍ୟକ ଜନସଂଖ୍ୟା, ଗମନା ଗମନ, ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ଆଦି ସଭସ୍ୟା ରହିଛି। ଏ ନେଇ ଦୀର୍ଘବର୍ଷ ହେଲା ରାଜ୍ୟ ସରକାରଙ୍କ ନିକଟରେ ଦାବି ହୋଇ ଆସୁଥିଲେ ମଧ ଏ ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି। ଏ ପରିପ୍ରେକ୍ଷୀରେ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।



କଣ୍ଟିଲୋକୁ ଏନ୍‌ଏସି କରିବାକୁ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।

